## ଡିଜିଟାଲ ମାଧ୍ୟମରେ ମାନବିକ ଅଧିକାର ଦିବସ ପାଳିତ

ଅଦ୍ୟ ତା ୧୦.୧୨.୨୦୨୦ ରିଖ ଦିନ ଢେଙ୍କାନାଳ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଶରତ କୁମାର ଦେହୁରିଙ୍କ ନିର୍ଦ୍ଦେଶକ୍ରମେ ଡିଜିଟାଲ ମାଧ୍ୟମରେ ମାନବିକ ଅଧିକାର ଦିବସ ପାଳନ କରାଯାଇଛି । ଏହି ଅବସରରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀ ସୁକାନ୍ତ କିଶୋର ଜେନା ଉପସ୍ଥିତ ରହି ମାନବିକ ଅଧିକାର ଦିବସର ମହତ୍ୱ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହି ଦିବସରେ ପ୍ରଥମ ଶ୍ରେଣୀ ବିଚାର ବିଭାଗିୟ ମାଜିଷ୍ଟ୍ରେଟ ମୈତ୍ରୀ ସାମନ୍ତରାୟ ଉପସ୍ଥିତ ରହି ସମସ୍ତ ମାନବିକ ମୌଳିକ ଅଧିକାର ବିଷୟରେ ନିକ୍ଷୁଣ ଭାବରେ ଆଲୋଚନା କରିଥିଲେ । ମାନବିକ ଅଧିକାର ପ୍ରତ୍ୟକ ବ୍ୟକ୍ତି ପାଇଁ ଅତ୍ୟନ୍ତ ପ୍ରଯୁଯ୍ୟ ଅଟେ ଏବଂ ଏହାର ସଦୁପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ ।

ଏତଦ୍ ସହିତ ବର୍ତମାନ ସମୟରେ ସାମାଜିକ ଗଣ ମାଧ୍ୟମ ଗୁଡିକର କିପରି ସୁବ୍ୟବହାର ଓ ନିରାପଦ ବ୍ୟବହାର କରିବା ସେ ବିଷୟରେ ମଧ୍ୟ ଏକ ଆଲୋଚନା ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗିୟ ମାଜିଷ୍ଟ୍ରେଟ ଶ୍ରୀମୟୀ ନନ୍ଦ ଉପସ୍ଥିତ ରହି ସାମାଜିକ ଗଣ ମାଧ୍ୟମ ଗୁଡିକର ବ୍ୟବହାର ବିଷୟରେ ବିଷଦ ଭାବରେ ଅଲୋଚନା କରିଥିଲେ ଏବଂ ଗଣ ମାଧ୍ୟମର ଦୁରୂପଯୋଗକୁ ରୋକିବା ପାଇଁ ପରାମର୍ଶ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ପ୍ୟାନେଲ ଲୟର, ପି.ଏଲ.ଭି., ଏବଂ ବ୍ରଜନାଥ ବଡଜେନା ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଯୋଗଦେଇଥିଲେ ।

Sd/-
Secretary
District Legal Services Authority
Dhenkanal